## ସାପ୍ତାହିକ କାର୍ଯ୍ୟକ୍ରମ

**୧୫।୧୨।୧୯**

**ଢେଙ୍କାନାଳ**

■ରକ୍ତଦାନ ଶିବିର
ସ୍ଥାନ: ନେତାଜୀ କ୍ଲବ
ସମୟ: ପୂର୍ବାହ୍ନ ୯ଟା।

**ବଅଁରପାଳ**

■ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନର ବାର୍ଷିକ ଉତ୍ସବ
ସ୍ଥାନ: ଫୁଲପଡ଼ା
ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**

■ସୁରତାଲ୍ ସାଂସ୍କୃତିକ ଉତ୍ସବ ଉଦ୍‌ଯାପନୀ ସମାରୋହ
ସ୍ଥାନ: ଅନୁଗୋଳ ସଭାଘର
ସମୟ: ଅପରାହ୍ନ ୫ଟା।

**୧୬।୧୨।୧୯**

**ଅନୁଗୋଳ**

■ମିଳିତ ଜନଶୁଣାଣି ଶିବିର
ସ୍ଥାନ: ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଅଭିଯୁକ୍ତ ଗିରଫ

**ଭୁବନ, ୧୪।୧୨(ଡି.ଏନ.ଏ.):** ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ନାରାୟଣ ନାଏକ (୪୦)ଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ଜିଆର କେସ୍ ନଂ. ୨୩୪/୦୭ ରୁଜୁ ହୋଇଥିଲା। କୋର୍ଟ ଆଦେଶ ଅବମାନନା କରି ସେ ଫେରାର ଥିଲେ। ଏଏସ୍‌ଆଇ ରମେଶ ଚନ୍ଦ୍ର ସ୍ୱାଇଁ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

### ବାଲିମାଙ୍ଫିଆ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣା: ୩ ଗିରଫ

**ଭଣ୍ଡାରିପୋଖରୀ, ୧୪।୧୨(ଡି.ଏନ.ଏ.)** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତର ମଣିନାଥପୁର ଓ ମୁଢ଼ାପଦା ଗ୍ରାମର ବାଲିମାଙ୍ଫିଆ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଢ଼ାପଦାର ପ୍ରଶାନ୍ତ ଯେନା, ରମେଶ ଜେନା ଓ ସଞ୍ଜୟ ଜେନା। ମଣିନାଥପୁର ଗ୍ରାମର ଅର୍ଜୁନ ଥାଟୋଇଙ୍କ ଅଭିଯୋଗ କ୍ରମେ ଥାନାରେ ମୁଢ଼ାପଦାର ୧୪ ଜଣଙ୍କ ନାଁରେ ଏକ ମାମଲା(ନଂ.୨୧୧/୧୯) ରୁଜୁ ହୋଇଛି। ଅପରପକ୍ଷରେ ମୁଢ଼ାପଦାର ପ୍ରଶାନ୍ତଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀଙ୍କ ଏତଲା କ୍ରମେ ୧୩ ଜଣଙ୍କ ନାଁରେ ମାମଲା (ନଂ.୨୧୨/୧୯) ରୁଜୁ କରାଯାଇଛି।

### ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

**ରୂପ୍‌ସା,୧୪।୧୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରି ଗ୍ରାମର ମଦ ବ୍ୟବସାୟୀ ମହେଶ୍ୱର ଦାସଙ୍କୁ ଶୁକ୍ରବାର ରାତିରେ ପୋଲିସ ଗିରଫ କରିଛି। ତାଙ୍କ ପାନ ଦୋକାନରୁ ୨୦ବୋତଲ ବିଦେଶୀ ମଦ ଜବତ ହୋଇଛି। ଏନେଇ ବସ୍ତା ଥାନାରେ ଏକ ମାମଲା (ନଂ. ୪୦୪/୧୯) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

■ମାଛ ମାରିବା ବେଳେ ୫ ଆହତ ଘଟଣା

# ରାତିଅଧିଆ ଏସ୍‌ଡିପିଓଙ୍କ ତଦନ୍ତ



ମେଡିକାଲରେ ଏସ୍‌ଡିପିଓଙ୍କ ଟିମ୍ ତଦନ୍ତ କରୁଛି।

■ତ୍ରୁଟି ଯୋଗୁ ଡିନାମାଇଟ୍ ଫୁଟିଥିବା ନେଇ ଏସ୍‌ଡିପିଓଙ୍କ ସୂଚନା

■ନିଜଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ଥାନା ପଣ୍ଡପୁର ଗ୍ରାମ ନିକଟ ବଉଳୀ ଜୋରକୁ ଶୁକ୍ରବାର ମାଛ ମାରିବାକୁ ଯାଇ ୫ ଜଣ ଆହତ ହେବା ଘଟଣାର ତଦନ୍ତ ଆରମ୍ଭ କରିଛି ଅନୁଗୋଳ ପୋଲିସ। କେଉଁ କାରଣରୁ ଜଣେ ନାବାଳକଙ୍କ ସମେତ ୫ଜଣ ଆହତ ହେଲେ ତାହା ଜାଣିବା ପାଇଁ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ ତାଙ୍କ ଟିମ୍ ସହ ରାତିରେ ହିଁ ତଦନ୍ତ ଆରମ୍ଭ କରିଥିଲେ। ମେଡିକାଲରେ ପଚରାଉଚରା ସମୟରେ ପ୍ରଥମେ ଆହତମାନେ ହରଡ଼ କିଆରିରେ ମାଙ୍କଡ଼ ଗୋଡ଼ାଇବା ବେଳେ ବାଣ ଫୁଟି ଏପରି ଘଟିଥିବା କହିଥିଲେ। କିନ୍ତୁ ପରେ ଡିନାମାଇଟ୍ ଫୁଟାଇ ମାଛ ମାରିବା ବେଳେ ତ୍ରୁଟି ଯୋଗୁ ସେମାନେ ଆହତ ହୋଇଥିବା ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ଏହା ଜାଣିବା ପରେ ଶନିବାର ସକାଳେ ଅନୁଗୋଳ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି। ବିଶେଷକରି ଡିନାମାଇଟ୍ ଭଳି ବିସ୍ଫୋରକ ଗ୍ରାମର ଲୋକେ କିପରି ପାଇଲେ ତାହାକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏହି ବିସ୍ଫୋରଣରେ ଜଣଙ୍କ ପିଠିରେ ଆଘାତ ଲାଗିଥିବା ବେଳେ ଜଣଙ୍କ ହାତ ପାପୁଲି ଛିଣ୍ଡି ଯାଇଛି। ଅନ୍ୟ ଦୁଇଜଣଙ୍କ କାନକୁ କିଛି ଶୁଣାଯାଉ ନ ଥିବା ଜଣାପଡ଼ିଛି। ନାବାଳକ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଏଭଳି ଘଟଣାକୁ ପରିବାର ଲୋକ ଚାପି ଦେବାକୁ ବସିଥିବା ବେଳେ ମେଡିକାଲ ପକ୍ଷରୁ ମଧ୍ୟ ଆହତଙ୍କ ସମ୍ପର୍କରେ କିଛି ସୂଚନା ଅନୁଗୋଳ ପୋଲିସକୁ ଦିଆଯାଇ ନ ଥିଲା। କୌଣସି ସୂତ୍ରରୁ ଖବରପାଇ ଏସ୍‌ଡିପିଓ ସାହୁ ନିଜେ ଏକ ଟିମ୍ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ରାତିରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମଗାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ଅନ୍ୟପକ୍ଷରେ ଡିନାମାଇଟ୍ କେଉଁଠୁ ଆସିଲା ଓ କେଉଁ ପରିସ୍ଥିତିରେ ଏହା ବିସ୍ଫୋରଣ ହେଲା ତାହାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଏ ନେଇ ଏକ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବିଶୋଇ ପ୍ରକାଶ କରିଛନ୍ତି।

### ପୁନରାବୃତ୍ତି ହେବନି କହିଲେ ସିଡିଏମ୍‌ଓ

**ଅନୁଗୋଳ ଅଫିସ, ୧୪।୧୨**

ଅନେକ ସମୟରେ ସନ୍ଦିଗ୍ଧ ଅବସ୍ଥାରେ ଆହତ କିମ୍ବା ଗୁରୁତର ହୋଇ ବ୍ୟକ୍ତି ମେଡିକାଲକୁ ଆସୁଥିଲେ ହେଁ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତୁରନ୍ତ ପୋଲିସକୁ ସୂଚନା ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ପୂର୍ବରୁ ନଜିର ମଧ୍ୟ ରହିଛି। ଗତ ଦୋଳ ପୂର୍ଣ୍ଣିମା ମେଲଣ ସମୟରେ କୁଶାସିଂହା ଅଞ୍ଚଳର ଜଣେ ଯୁବକଙ୍କ ଗୋଡ଼ରେ ଗୁଳି ବାଜିଥିଲା। କିନ୍ତୁ ସମ୍ପୃକ୍ତ ଯୁବକ ଜଣକ ଗୋଡ଼ି ବାଜିଥିବା ଡାକ୍ତରଙ୍କୁ କହିଥିଲେ। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏକାକୁ ସନ୍ଦେହ କଲେନି କି ପୋଲିସକୁ ସୂଚନା ମଧ୍ୟ ଦେଲେନି। ବରଂ ପ୍ରାଥମିକ ଚିକିତ୍ସା ପରେ କଟକ ପଠାଇଦେଲେ। ସେଠାକାର ଡାକ୍ତର ସନ୍ଦେହ କରି ଚିକିତ୍ସା ନ କରିବାରୁ ଅନୁଗୋଳ ଥାନାରେ ମାମଲା ରୁଜୁ ପରେ ଯୁବକଙ୍କ ଅପରେଶନ ହୋଇଥିଲା। ଯୁବକ ଜଣଙ୍କ ପାଖରେ ରଖିଥିବା ବନ୍ଧୁକରୁ ଗୁଳି ଫୁଟି ଗୋଡ଼ରେ ବାଜିଥିବା ପୋଲିସ ତଦନ୍ତରୁ ଜାଣିବା ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେଥିରୁ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ କିଛି ଶିକ୍ଷା କରି ନ ଥିବା ଡିନାମାଇଟ୍ ଫୁଟି ଆହତ ଘଟଣାରୁ ଜଣାପଡୁଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି, ଏଥର ଏପରି ଘଟଣା ଭିଆଇ ମେଡିକାଲକୁ ଆସୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସକୁ ଅବଗତ କରାଯିବ। ଆଉ ପୂର୍ବ ଭୁଲର ପୁନରାବୃତ୍ତି ହେବ ନାହିଁ। ଗୁରୁତର ସନ୍ଦିଗ୍ଧଙ୍କ ଚିକିତ୍ସା ପୂର୍ବରୁ ପୋଲିସକୁ ଜଣାଇ ଦିଆଯିବ ବୋଲି ସିଡିଏମ୍‌ଓ ପ୍ରକାଶ କରିଛନ୍ତି।

# ଅଭିଜିତ, ସୁମିତ୍ରା ଚାମ୍ପିୟନ



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୪।୧୨**

ଯୋରନ୍ଦା ହାଇସ୍କୁଲରେ ଶନିବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ଅଭିଜିତ ସ୍ୱାଇଁ ଏବଂ ବାଳିକାରେ ୧୦ମ ଶ୍ରେଣୀ ଛାତ୍ରୀ ସୁମିତ୍ରା ନାୟକ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ସମାରୋହରେ ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ଶିକ୍ଷକ ରବି ନାରାୟଣ ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍ ହୋଇ ଦେଶର ଗୌରବ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ମଞ୍ଜୁବାଳା ବେହେରାଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୋଖରୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ ଅଫିସ, ୧୪।୧୨**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାନ୍ଧିଆ ଫିସେରୀବନ୍ଧ (ପୋଖରୀ)ରୁ ଶନିବାର ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସୋର ଅଞ୍ଚଳର ଶୁଭଶ୍ରୀ ମାଝି। ସକାଳେ ପୋଖରୀରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଥିଲା। ପରେ ମୃତା ଯୁବତୀଙ୍କ ପରିଚୟ ମିଳିଥିଲା। ସେ ବନ୍ତ ଛକ ଅଞ୍ଚଳରେ ଭଡ଼ାରେ ରହି ଏଲ୍‌ଆଇସି ଅଫିସ୍‌ରେ ଚାକିରି କରୁଥିଲେ। ସେ ସାମାନ୍ୟ ମାନସିକ ଅନଗ୍ରସର ଥିଲେ ଓ ରାତିରେ ଘରୁ ବାହାରି ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ସକାଳୁ ଟାଉନ ଥାନାରେ ଏତଲା ଦେଇଥିବା ପୋଲିସ ଜାଣିବାକୁ ପାଇଥିଲା। ପରିବାର ଲୋକେ ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦୧/୧୯) ରୁଜୁ ହୋଇଛି।

# ରୋଜି, ଦୀପକ ଶ୍ରେଷ୍ଠ କ୍ରୀଡ଼ାବିତ୍



ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ।

**ଭୁବନ, ୧୪।୧୨(ଡି.ଏନ.ଏ.)**

ନୂଆ ଭୁବନ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବିଭାଗରେ ୮ମ ଶ୍ରେଣୀ ଛାତ୍ରୀ ରୋଜି ଦାସ ଏବଂ ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ଦୀପକ ମଲ୍ଲିକ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

ପରିଚାଳନା କମିଟି ସଭାପତି ସୁଧୀର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି କର୍ମକର୍ତ୍ତା ରାଜକିଶୋର ପାତ୍ର, ସ୍ୱର୍ଣ୍ଣଲତା ସାହୁ, ଜ୍ଞାନରଞ୍ଜନ ନନ୍ଦ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା, ସହକାରୀ ଶିକ୍ଷକ ଗୁରୁ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା**

# କାରଣ ଖୋଜୁଛି ପୋଲିସ

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ନିତ୍ୟାନନ୍ଦପୁର ଗ୍ରାମର ଦିନ ମଜୁରିଆ ପୂର୍ଣ୍ଣଚନ୍ଦ୍ର ବେହେରା (୪୦) ହତ୍ୟାକାଣ୍ଡକୁ ଶନିବାର ୨୪ ଘଣ୍ଟା ବିତିଛି। ହେଲେ ପୋଲିସ ହାତ ଏଯାଏ ଖାଲି ରହିଛି। ଅଭିଯୁକ୍ତଙ୍କ ପତ୍ତା ମିଳୁ ନ ଥିବାବେଳେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କେଉଁ ପରିସ୍ଥିତିରେ ଏବଂ କିଏ ପୂର୍ଣ୍ଣଚନ୍ଦ୍ରଙ୍କୁ ହତ୍ୟା କଲା ତାହାର କାରଣ ଖୋଜାଚାଲିଛି। ଏପଟେ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ଏଥିରୁ ଅପରାଧୀଙ୍କ ପାଖରେ ପହଞ୍ଚିବାର ଖିଅ ମିଳିବା ସମ୍ଭାବନା ରହିଛି। ଅନ୍ୟପଟେ ପୋଲିସ ନିକଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ପଚରାଉଚୁରା ଜାରି ରଖିଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ହତ୍ୟାକାଣ୍ଡର କାରଣ ଜାଣିବା, ଅଭିଯୁକ୍ତଙ୍କୁ ଯଥାସମ୍ଭବ ଗିରଫ କରିବାକୁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଶୀଘ୍ର ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏହା ମିଳିବା ପରେ ତଦନ୍ତରେ ସହାୟକ ହେବ। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ପୂର୍ଣ୍ଣଚନ୍ଦ୍ରଙ୍କ କ୍ଷତବିକ୍ଷତ ମୃତଦେହ ତାଙ୍କ ଘର ନିକଟରୁ ଉଦ୍ଧାର କରାଯାଇଥିଲେ। ଅଭିଯୁକ୍ତମାନେ ତାଙ୍କ ବାମ ଆଖି ତାଡ଼ି ଦେଇଥିବାବେଳେ ଗୁପ୍ତାଙ୍ଗ କାଟି ଦେଇଥିଲେ। ବେକରେ ଚପାଦାଗ ମଧ୍ୟ ରହିଥିଲା। ଏ ନେଇ ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ ନଂ. ୯୮/୧୯, ଦଫା ୩୦୨ରେ ମାମଲା ରୁଜୁ କରାଯାଇଛି।

# ‘ପାଠପଢ଼, କ୍ରୀଡ଼ାରେ ପାରଦର୍ଶୀ ହୁଅ’



ବାର୍ଷିକ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ପଲିଟେକ୍‌ନିକ ଅଧ୍ୟକ୍ଷ ଇଂ. କୁଳମଣି ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ିବା ସହ କ୍ରୀଡ଼ାରେ ପାରଦର୍ଶୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଚନ୍ଦ୍ରଶେଖର ତ୍ରିପାଠୀ ଅନୁଷ୍ଠାନର ସୁନାମ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷଣ ଅଧିକାରୀ ଅରୁଣ ମହାରଣା, ସହ ପ୍ରଶିକ୍ଷଣ ଅଧିକାରୀ ଧନେଶ୍ୱର ବେହେରା, ଗଣେଶ ଚନ୍ଦ୍ର ସାହୁ, କ୍ରୀଡ଼ା ଶିକ୍ଷୟିତ୍ରୀ ସରିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ସୃଜନଶୀଳ କରାଏ ବିଜ୍ଞାନ ମେଳା’




ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରଦର୍ଶନ।

**ଢେଙ୍କାନାଳ ଅଫିସ, ୧୪।୧୨**

ବିଜ୍ଞାନପ୍ରତି ଆଗ୍ରହ ବଢ଼ାଇବାକୁ ବିଜ୍ଞାନ ମେଳା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ। ଏହା ପିଲାଙ୍କୁ ସୃଜନଶୀଳ କରାଏ। ଛାତ୍ରାବସ୍ଥାରେ ଏଥିରେ ଅଂଶଗ୍ରହଣ କରି ଦକ୍ଷତା ବୃଦ୍ଧି କରିବା ଜରୁରୀ ବୋଲି କହିଛନ୍ତି ରଞ୍ଜା କ୍ଲଷ୍ଟର ସିଆର୍‌ସିସି ପ୍ରମୋଦ କୁମାର ସାହୁ। ଢେଙ୍କାନାଳ ରଞ୍ଜା କଳାପଣି ଛକସ୍ଥିତ ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ଶୁକ୍ରବାର ଆୟୋଜିତ ବିଜ୍ଞାନ ମେଳାରେ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍କୁଲର ଶିକ୍ଷା ନିର୍ଦ୍ଦେଶକ ସରୋଜକାନ୍ତ ଦାଶ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରାଇଥିଲେ। ମେଳାରେ ମୋଟ ୩୯ଟି ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

ଜୁନିୟର ବିଭାଗରେ ତନ୍ମୟ ବିଶ୍ୱାଳ, ଶୁଭମ୍ ସଙ୍କେତ ରାଉତ, ସ୍ୱସ୍ତି ଶୁଭସ୍ମିତା, ସବ୍ ଜୁନିୟର ବିଭାଗରେ ଶ୍ୟାମସୁନ୍ଦର ସାହୁ, ସାଇଶ୍ୱେତା ବିଶ୍ୱାଳ, ସ୍ୱସ୍ତିକ ସ୍ୱରୂପ ମାଝି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ପରିଚାଳନା କମିଟି ନିର୍ଦ୍ଦେଶକ ପଞ୍ଚାନନ ମହାନ୍ତି, ନେତ୍ରଜ୍ୟୋତି ମହାନ୍ତି, ଶିକ୍ଷକ ବିଶ୍ୱଜିତ ପ୍ରଧାନ, ପ୍ରଭୁଦତ୍ତ ନାୟକ, ନେତ୍ରାନନ୍ଦ ଶତପଥୀ, ପରେଶ ଦଳେଇ, ଶିକ୍ଷୟିତ୍ରୀ ତପସ୍ୱିନୀ ବିନ୍ଧାଣୀ, ସସ୍ମିତା ଶତପଥୀ, ରାଜେଶ୍ୱରୀ ଶତପଥୀ, ଶୁଭଶ୍ରୀ ବେହେରା, ରାଜଲକ୍ଷ୍ମୀ ସ୍ୱାଇଁ, ସୌଭାଗ୍ୟପ୍ରଭା ନାୟକ, ସୁନିତା ସ୍ୱାଇଁ, ରଶ୍ମିପ୍ରଭା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସେଲୁନରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

**ଭଦ୍ରକ ଅଫିସ, ୧୪।୧୨**

ଭଦ୍ରକ ସହରାଞ୍ଚଳ ଥାନା ପୋଲିସ ଶନିବାର ସକାଳୁ କଦମ୍ବବେଡ଼ ଛକରେ ଥିବା ଏକ ସେଲୁନ୍‌ରୁ ସୁରେଶ ବାରିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ସେଲୁନ ମାଲିକ ହୋଇଥିବାବେଳେ ଘରୋଇ କଳିରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

■ଦ୍ୱାଦଶ ଜିଲା ଚେସ୍ ପ୍ରତିଯୋଗିତା

# ଭାଗନେଲେ ୫୭ ପ୍ରତିଯୋଗୀ



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ଶନିବାରଠାରୁ ଆରମ୍ଭ ହୋଇଛି ଦ୍ୱାଦଶ ଜିଲା ଓପନ ଚେସ୍ ପ୍ରତିଯୋଗିତା। ମୁଖ୍ୟଅତିଥି ଭାବେ ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ, କନିଷ୍ଠ ସମେତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୫୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୬ରୁ ଆରମ୍ଭ କରି ୭୨ବର୍ଷ ବୟସର ପ୍ରତିଯୋଗୀ ଅଛନ୍ତି।

ଅନୁଷ୍ଠାନର ସଭାପତି ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଉପସଭାପତି ରାଜନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ସନ୍ତୋଷ ମହାପାତ୍ର ଫିଡେ ଆର୍ବିଟର ଏବଂ ହେମନ୍ତ ଖଟୁଆ, ଅଶୋକ ମିଶ୍ର, ସନ୍ତୋଷ ସ୍ୱାଇଁ, ଜିତେନ୍ଦ୍ର ଦାସ, ସୁଶାନ୍ତ ଦାସ, ବିଶାଳ ପଟ୍ଟନାୟକ, ଗୋପାଳ ପାତ୍ର, ସନ୍ଦୀପ ଷଡ଼ଙ୍ଗୀ ଆର୍ବିଟର ଦାୟିତ୍ୱ ତୁଲାଉଛନ୍ତି। ୧୫ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏହିଦିନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ନ୍ୟାଶନାଲ ଚ୍ୟାଲେଞ୍ଜର ଖେଳାଳି କୁଳମଣି ଜେନା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭାଜପା ନେତାଙ୍କୁ ମାଡ଼ ଅଭିଯୋଗ

ବନ୍ତଲା, ୧୪।୧୨(ଡି.ଏନ.ଏ.)- ଅନୁଗୋଳ ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନଙ୍କୁ ଶନିବାର ସନ୍ଧ୍ୟାରେ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏଥିରେ ଦିଲୀପ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଜଣଙ୍କୁ କାବୁ କରିଥିବାବେଳେ ଅନୁଗୋଳ ପୋଲିସ ଖବରପାଇ ସେଠାରେ ପହଞ୍ଚି ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ମୁତାବକ, ଦିଲୀପ କରଡାଗାଡିଆସ୍ଥିତ ତାଙ୍କ ଦୋକାନରେ ବସିଥିବା ସମୟରେ ଏକ ସ୍କର୍ପିଓରେ ୪ ଜଣ ଆସିଥିଲେ। ସେମାନଙ୍କ ମଧ୍ୟରୁ ସାପୁଇନାଳୀ ଗ୍ରାମର ସମୀର ସାହୁ ଦିଲୀପଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଥିସହ ଦିଲୀପଙ୍କଠାରୁ ୧୯ ହଜାର ୫ଶହ ଟଙ୍କା ଏବଂ ୨.୫ ଭରିର ଏକ ସୁନା ଚେନ ଛିଣ୍ଡାଇ ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଆହତ ଅବସ୍ଥାରେ ଦିଲୀପଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### କୃତୀ ପ୍ରତିଯୋଗୀ ପୁରସ୍କୃତ

ପବିତ୍ରନଗର, ୧୪।୧୨(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ତାଳପଦା ସ୍ଥିତ ସଦାନନ୍ଦ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ଦିବସରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସିଆରସିସି ପରମାନନ୍ଦ ସାହୁ, ସମ୍ମାନିତ ଅତିଥି ଏସଏମସି ସଭାପତି ଗୌତମ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ପବିତ୍ରନଗର ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା ଯୋଗଦେଇଥିଲେ। ଏନ୍‌ସିସି ଅଫିସର ବିଶ୍ୱନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପବିତ୍ରନଗର ଯୁକ୍ତ ୨ କଲେଜର କ୍ରୀଡ଼ା ଶିକ୍ଷକ ପ୍ରଣବ କିଶୋର ଗଡନାୟକ ଓ ହାଇସ୍କୁଲର ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

ଅନୁଗୋଳ ଅଫିସ, ୧୪।୧୨- ଅନୁଗୋଳ ହୁଲୁରିସିଂହା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ନନ୍ଦ, କଲେଜପଡ଼ା କ୍ଲଷ୍ଟରର ସିଆର୍‌ସିସି ନିଖିଲ ପାଣିଗ୍ରାହୀ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମଞ୍ଜରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଏମ୍‌ସି ସଭାପତି ଦିବ୍ୟଲୋଚନ ସାହୁ, ଏମ୍‌ଟିଏ ସଭାପତି ଗୀତାଞ୍ଜଳି ଜେନା, ଉପଦେଷ୍ଟା କମିଟି ସଦସ୍ୟ ନୀଳାଞ୍ଚଳ ପ୍ରଧାନ, ପ୍ରଣବ କୁମାର ପଟ୍ଟନାୟକ ଓ ଶିଶିର କୁମାର ଦାସ କ୍ରୀଡ଼ା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ପାଚିକା ସହଯୋଗ କରିଥିଲେ।

### ଅଟୋ ରିକ୍ସା ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ, ୨ ଗୁରୁତର

ବଇଣ୍ଡା,୧୪।୧୨(ଡି.ଏନ.ଏ.)- କିଶୋରନଗର-ମାଧପୁର ରାସ୍ତାର କିଶୋରନଗର ଥାନା ରଣିଆକଟା ପଞ୍ଚାୟତ ଭରତାପୁର ନିକଟରେ ଶନିବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ଅଟୋ ରିକ୍ସା (ନଂ.ଓଡି୨୭ଏ-୫୬୩୧) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ମାଧପୁର ପଞ୍ଚାୟତ ବଲୁଆଘରା ଗ୍ରାମର ପୂର୍ବତନ ୱାର୍ଡମେମ୍ବର ଲମ୍ବୋଦର ବାଘଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ସ୍ଥାନୀୟ ଲୋକେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଅଟୋ ଚାଳକ ବୌଦ୍ଧ ଜିଲା ରଇଠାଣି ଗ୍ରାମର ବିପିନ ଜେନା ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖବରପାଇ କିଶୋରନଗର ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ୪ ହଜାର ଟଙ୍କା ଜରିମାନା ଆଦାୟ

ବଇଣ୍ଡା,୧୪।୧୨(ଡି.ଏନ.ଏ.)-୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ନିକଟରେ ଶନିବାର ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ହେଲମେଟ, କାଗଜପତ୍ର ଆଦି ଯାଞ୍ଚ କରାଯିବା ସହ ୮ଟି ମାମଲା ରୁଜୁ କରାଯାଇ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ବାର୍ଷିକ କ୍ରୀଡ଼ା

ଆଠମଲ୍ଲିକ, ୧୪।୧୨(ଡି.ଏନ.ଏ.)- ଆଠମଲ୍ଲିକ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଜୀବର୍ଦ୍ଧନ ବାରିକ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଇଓ ରମାରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

■ବିଳମ୍ବରେ ଚେତିଲା ପୌରପାଳିକା

# ବେଆଇନ ପୋଷ୍ଟର କାଟିଲା, ସଂସ୍ଥାକୁ ତାଗିଦ

ଅନୁଗୋଳ ଅଫିସ, ୧୪।୧୨

ବିଳମ୍ବରେ ଚେତିଛି ଅନୁଗୋଳ ପୌରପାଳିକା। ସହରର ଗଳି କନ୍ଦିରେ ଲାଗିଥିବା ବେଆଇନ ପୋଷ୍ଟର ଓ ହୋର୍ଡିଂ କାଟିବା କାର୍ଯ୍ୟ ଶନିବାର ପୌରସଂସ୍ଥା ପକ୍ଷରୁ ଆରମ୍ଭ କରାଯାଇଛି। ଏପରି ଅଭିଯାନ ଆଗକୁ ଜାରି ରହିବ ବୋଲି ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ତେବେ ହୋର୍ଡିଂ କାଟିବା ସମୟରେ ଏହାକୁ ଲଗାଇବା ଦାୟିତ୍ୱରେ ଥିବା ଠିକାସଂସ୍ଥା ସହ କିଛି ସମୟ ପାଇଁ ତୁ ତୁ ମେ ମେ ହୋଇଥିଲା। ତଥାପି ପୌର କର୍ତ୍ତୃପକ୍ଷ ଉକ୍ତ ଠିକା ସଂସ୍ଥାକୁ ତାଗିଦ୍ କରିଥିବା ଜଣାପଡ଼ିଛି।



ପୌରପାଳିକା ପକ୍ଷରୁ ହୋର୍ଡିଂ କଟାଯାଇଛି।

ଅନୁଗୋଳ ପୌରପାଳିକାରେ ହୋଡିଂ ଓ ରାସ୍ତା ମଝିରେ ଥିବା ଷ୍ଟ୍ରିଟ ଲାଇଟ୍ ଖୁଣ୍ଟରେ ବିଜ୍ଞାପନ ଲଗାଇବାକୁ ଟେଣ୍ଡର ପ୍ରଦାନ କରାଯାଇଛି। ପୌରପାଳିକାର ୫୪ ସ୍ଥାନରେ ମୋଟ୍ ୧୨ ହଜାର ୫ଶହ ବର୍ଗ ଫୁଟରେ ହୋର୍ଡିଂ ଲଗାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଏଥିସହ ୧୭୦ଟି ଷ୍ଟ୍ରିଟ ଲାଇଟ୍ ଖୁଣ୍ଟରେ ମଧ୍ୟ ବିଜ୍ଞାପନ ଲଗାଇବାକୁ ପୌରପାଳିକା ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଏ ନେଇ ବାର୍ଷିକ ୯ଲକ୍ଷ ୭୪ ହଜାର ଟଙ୍କାରେ ଟେଣ୍ଡର ପ୍ରଦାନ କରାଯାଇଛି। କିନ୍ତୁ ଏହି ସ୍ଥାନ ଗୁଡ଼ିକ ବ୍ୟତୀତ ଉକ୍ତ ଠିକା ସଂସ୍ଥା ଓ କିଛି ଘରୋଇ ସଂସ୍ଥା ସହରର ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇଥିଲେ। ଏ ନେଇ ଅଭିଯୋଗ ଆସିବା ପରେ ଉଚ୍ଛେଦ କରିବାକୁ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଓ ଚିତ୍ତରଞ୍ଜନ ପଧାନଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶନିବାର ସକାଳୁ କାର୍ଯ୍ୟ ଆରମ୍ଭ କରିଥିଲେ। ସହରର ଥାନା ଛକ, ବ୍ଲକ ସମ୍ମୁଖ, ବୁଢ଼ୀ ଠାକୁରାଣୀ ଛକ, ଅନୁଗୋଳ ହାଇସ୍କୁଲ ସମ୍ମୁଖରେ ହୋର୍ଡିଂ କାଟିଥିଲେ। ଏହି ସମୟରେ ଟେଣ୍ଡର ନେଇଥିବା ସଂସ୍ଥା ପକ୍ଷରୁ ବିରୋଧ କରାଯାଇଥିଲା। ତେବେ ବେଆଇନ୍ ଭାବେ ହୋର୍ଡିଂ ଲଗାଯାଇଥିବାରୁ କଟାଯାଉଥିବା ନିର୍ବାହୀ ଅଧିକାରୀ ପଣ୍ଡା ଟେଣ୍ଡର ନେଇଥିବା ସଂସ୍ଥାକୁ କହିଥିଲେ।

ଏ ନେଇ ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି, ବେଆଇନ୍ ହୋର୍ଡିଂ କଟାଯିବା ଅଭିଯାନ ଆରମ୍ଭ ହୋଇଛି। ସହରର ଯେଉଁ ସ୍ଥାନିଗୁଡ଼ିକ ହୋର୍ଡିଂ ପାଇଁ ଚିହ୍ନଟ କରାଯାଇଛି, ସେଠାରେ ହୋର୍ଡିଂ ଲଗାଯିବ। ଯେଉଁଗୁଡ଼ିକ ଚିହ୍ନଟ ହୋଇନାହିଁ ସେଠାରେ ହୋର୍ଡିଂ ଲାଗିଲେ କଟାଯିବା ସହ ଜରିମାନା ଆଦାୟ ହେବ ବୋଲି ପଣ୍ଡା ପ୍ରକାଶ କରିଛନ୍ତି।

■୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ବ୍ୟାଙ୍କ, ଦୁର୍ଘଟଣା ମାମଲାର ଫଇସଲା

ଅନୁଗୋଳ ଅଫିସ, ୧୪।୧୨

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୯୯ଟି ପ୍ରାକ୍ ମକଦ୍ଦମା ଜନିତ ବ୍ୟାଙ୍କ ସମ୍ପର୍କିତ ମାମଲା ଫଇସଲା କରାଯାଇ ୫୧ ଲକ୍ଷ ୩୯ ହଜାର ୬୮୨ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୧୯୫ଟି ବିଚାରାଧୀନ ମାମଲା ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୪୦ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ ୨ କୋଟି ୩୬ ଲକ୍ଷ ୯୯ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ସେହିଭଳି ୧୧ଟି ଚେକ୍ ବାଉନ୍ସ ମାମଲାର ବିଚାର କରାଯାଇଥିଲା। ୯୮ଟି ଫୌଜଦାରୀ ମାମଲା, ୫ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୭ଟି ପାରିବାରିକ ମାମଲା ଓ ୩୪ଟି ଦେୱାନୀ ମାମଲାର ସମାଧାନ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲ୍ଲିକ, ପାଲଲହଡ଼ା ଓ ଛେଣ୍ଡିପଦା ଠାରେ ଥିବା ଅଦାଲତ ଗୁଡ଼ିକ ଅଂଶ ଗ୍ରହଣ କରିଥିଲେ। ଜିଲାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫ୍ୟାମିଲି କୋର୍ଟ ଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ, ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଭାକର ଗଣ୍ଡିଆ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟକ ପାତ୍ର, ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ବିଚାରପତି ଲିଲିପ୍ସା ପଶାୟତ ଓ ସୁଶ୍ରୀ ସଙ୍ଗୀତା ପାତ୍ର, ଅନୁବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱଜିତ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର, ସ୍ମୃତିସ୍ୱରୂପା ସାହୁ, ସଞ୍ଜୀବ କୁମାର ପଣ୍ଡା ଓ ତାରିଣୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, କୋର୍ଟ ଓ ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରାଧିକରଣ ସମ୍ପାଦିକା ଅଭିନନ୍ଦିତା ପଣ୍ଡା ପରିଚାଳନା କରିଥିଲେ।

# ବାରମ୍ବାର ବଦଳୁଛନ୍ତି କନିଷ୍ଠଯନ୍ତ୍ରୀ

**ହିତାଧିକାରୀ ହେଉଛନ୍ତି ହଇରାଣ**

ଖମାର, ୧୪।୧୨

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକରେ ବାରମ୍ବାର କନିଷ୍ଠଯନ୍ତ୍ରୀଙ୍କ ବଦଳିକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥିଯୋଗୁ ବ୍ଲକରେ ନିର୍ମାଣାଧୀନ କାମ ଆଗେଇପାରୁ ନ ଥିବା ତଥା ଏହାର ଠିକ୍ ଭାବେ ତଦାରଖ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏଥିସହ ହିତାଧିକାରୀମାନେ ବିଶେଷ ଭାବେ ହଇରାଣ ହରକତ ହେଉଛନ୍ତି। ମୁଖ୍ୟତଃ ଶଙ୍ଖପୁର, ପରାଛାଟ, ରାଜଡଙ୍ଗ, ଇଞ୍ଜିଡ ପଞ୍ଚାୟତର ବାସିନ୍ଦା ତଥା ହିତାଧିକାରୀ ଅସୁବିଧା ଭୋଗୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ଉକ୍ତ ପଞ୍ଚାୟତଗୁଡ଼ିକ ପାଇଁ ନିୟୋଜିତ ହେଉଥିବା କନିଷ୍ଠଯନ୍ତ୍ରୀମାନଙ୍କ ପ୍ରତି ୨/୩ ମାସରେ ବଦଳି ହୋଇଯାଉଛି। ୨ ବର୍ଷ ମଧ୍ୟରେ ପ୍ରାୟ ୭ ଜଣ ଯନ୍ତ୍ରୀଙ୍କ ବଦଳି ହୋଇଥିବାବେଳେ ଏବେ କିଛି ଦିନ ହେବ ନୂଆ କନିଷ୍ଠ ଯନ୍ତ୍ରୀ ଯୋଗ ଦେଇଛନ୍ତି। ଫଳରେ ହିତାଧିକାରୀଙ୍କ କାମ ଅଧାରେ ପଡିରହିବା ସହ ବିଲ୍ ପାଇବାରେ ମଧ୍ୟ ଅସୁବିଧା ହେଉଛି। ଏହି ସମସ୍ୟା ନେଇ ଶଙ୍ଖପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ବିଡିଓ, ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ କୋଣସି ସୁଫଳ ମିଳିପାରୁ ନ ଥିବା ପ୍ରକାଶ କରିଛନ୍ତି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଆଯିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବିଡିଓ ଏସ୍. ଲଲାଟେନ୍ଦୁ ନୈବେଦ୍ୟ କୁହନ୍ତି, ସରକାରୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଆଣିବା ପାଇଁ ବଦଳି ଏକ ପ୍ରକ୍ରିୟା। କିନ୍ତୁ ବଦଳି ପାଇଁ ଉନ୍ନତିମୂଳକ କାମ ବାଧାପ୍ରାପ୍ତ ହେଉଥିବା ନଜରକୁ ଆସିନାହିଁ। ଯଦି ସେମିତି ହେଉଥାଏ ତେବେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ବ୍ୟାକରଣ ପୁସ୍ତକ ଉନ୍ମୋଚିତ

ଛେଣ୍ଡିପଦା, ୧୪।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ସେହି ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁର୍ଲ୍ଲଭ ପ୍ରଧାନଙ୍କ ରଚିତ ଏକ ଇଂଲିଶ ବ୍ୟାକରଣ ପୁସ୍ତକ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଭୁଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ଗଡନାୟକ, ସମ୍ମାନିତ ଅତିଥି ମାମୁରିଆ କ୍ଲଷ୍ଟରର ସିଆରସିସି ବ୍ରଜବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ନରେନ୍ଦ୍ର କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେକ୍। ଶିକ୍ଷୟିତ୍ରୀ ରାଧାରାଣୀ ପରିଡା ଧନ୍ୟବାଦ ଦେଇଥିଲେ।

# ଶକ୍ତି ସଂରକ୍ଷଣ ପାଇଁ ସଚେତନତା ରାଲି

ବଇଣ୍ଡା,୧୪।୧୨(ଡି.ଏନ.ଏ.)

ବହୁ ଲୋକେ ବିଦ୍ୟୁତ୍‌ର ଅପଚୟ କରୁଛନ୍ତି। ଯେତିକି ଆବଶ୍ୟକ ତାଠାରୁ ଅଧିକ ମାତ୍ରାରେ ବ୍ୟବହାର କରୁଛନ୍ତି। ଯଦି ଏବେଠୁ ଅପବ୍ୟବହାର ଉପରେ ରୋକ୍ ଲଗା ନ ଯାଏ ତେବେ ଆଉ କିଛି ବର୍ଷ ପରେ ବିଦ୍ୟୁତ୍ ଉପଭୋକ୍ତାମାନେ ବଡ଼ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ବିଦ୍ୟୁତ୍‌କୁ ଠିକ୍ ଭାବେ ବ୍ୟବହାର କରି ଶକ୍ତି ସଞ୍ଚୟ କରାଯିବା ଆବଶ୍ୟକ ବୋଲି ଶନିବାର କିଶୋରନଗର ହାଇସ୍କୁଲ ପକ୍ଷରୁ ଅନୁଷ୍ଠିତ ଶକ୍ତି ସଂରକ୍ଷଣ ପାଇଁ ସଚେତନତା ରାଲିରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ପ୍ରଧାନଶିକ୍ଷକ ସତ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

କାର୍ଯ୍ୟକ୍ରମରେ ବିଜୟିନୀ ସାହୁ, ସୁପ୍ରଭା ସାହୁ, ବିନାୟକ ଦେହୁରୀ, ଜାଗ୍ରତ ସ୍ୱାଇଁ, ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ କିଶୋରନଗର ଅଞ୍ଚଳ ଶୋଭାଯାତ୍ରା ମାଧ୍ୟମରେ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇଥିଲେ।

# ବଇଣ୍ଡା କଲେଜରେ ନିଯୁକ୍ତି ମେଳା



କଲେଜ ପରିସରରେ ଅନୁଷ୍ଠିତ ନିଯୁକ୍ତି ମେଳା।

ବଇଣ୍ଡା,୧୪।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପରିସରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସିଦ୍ଧାର୍ଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ମେଳାରେ ଅତିଥି ଭାବେ କମ୍ପାନୀର ମ୍ୟାନେଜର ରାକେଶ ପଣ୍ଡା, ଆଞ୍ଚଳିକ ଶାଖା ପରିଚାଳକ ସିଦ୍ଧାର୍ଥ ପ୍ରିୟଦର୍ଶୀ ଯୋଗଦେଇ କମ୍ପାନୀ ସମ୍ପର୍କରେ ଅବଗତ କରାଇବା ସହ କମ୍ପାନୀର ନୀତିନିୟମ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଜଣାଇଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷ ବର୍ଷର କଳା ଓ ବିଜ୍ଞାନର ୧୯ ଜଣ ଛାତ୍ର ଚାକିରି ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣ ଚାକିରି ପାଇବା ପାଇଁ ବିବେଚିତ ହୋଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀର କର୍ମଚାରୀମାନେ ସୂଚନା ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ କଙ୍କରାଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ବେଣୁଧର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରମାନେ ବିଭିନ୍ନ ଖେଳରେ ଭାଗ ନେଇଥିଲେ। ଖେଳ ଶିକ୍ଷକ ହୃଷୀକେଶ ଦେହୁରୀ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷକ ସାନନ୍ଦ କୁମାର ସାହୁ, ଅକ୍ଷୟ କୁମାର ପ୍ରଧାନ, ପ୍ରଦୀପ ଚନ୍ଦ୍ର ବିଶ୍ୱାଳ, ଶିକ୍ଷୟିତ୍ରୀ ବବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି।

# ବ୍ଲକସ୍ତରୀୟ ଶିଶୁ ମେଳା


ବ୍ଲକସ୍ତରୀୟ ଶିଶୁମେଳାରେ ଯୋଗ ଦେଇଥିବା ଅତିଥିମାନେ।

ବଇଣ୍ଡା,୧୪।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ଯୁବଜ୍ୟୋତି ହାଇସ୍କୁଲ ପରିସରରେ ଶନିବାର ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଛି। ଓଷ୍ଟାର ବ୍ଲକ ସଭାପତି ପର୍ଶୁରାମ ଛନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଶରତ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ଓଷ୍ଟାର ବ୍ଲକ ସମ୍ପାଦକ ଶୁକଦେବ ସାହୁ, ସନ୍ତୋଷ ପ୍ରଧାନ, ବସନ୍ତ କୁମାର ସ୍ୱାଇଁ, ସୁବଳ ସାହୁ, ବିଶେଶ୍ୱର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୮ଟି ହାଇସ୍କୁଲର ୬୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଙ୍ଗୀତ, ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଓଷ୍ଟା ପକ୍ଷରୁ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଧ୍ୟାପକ-ଅଭିଭାବକ ବୈଠକ



କଲେଜ ପରିସରରେ ଆୟୋଜିତ ବୈଠକ।

ବଇଣ୍ଡା,୧୪।୧୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଯୁକ୍ତ ୩ କଲେଜର ଅଧ୍ୟାପକ ଓ ଅଭିଭାବକଙ୍କ ମଧ୍ୟରେ ଶନିବାର କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ପ୍ରତିମା ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତରୁଣ ପ୍ରଧାନ, ସରୋଜ ପ୍ରଧାନ, ସରୋଜ ଦାସ, କଲ୍ୟାଣୀ ମିଶ୍ରଙ୍କ ସମେତ ଅଭିଭାବକମାନେ ଯୋଗ ଦେଇଥିଲେ। ଏଥିରେ କଲେଜ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ କଲେଜର କିଭଳି ବିକାଶ ହୋଇପାରିବ ସେଥିପ୍ରତି ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

■ମୌଳିକ ସୁବିଧାରୁ ବଞ୍ଚିତ ପାଟବେଡ଼ାବାସୀ

# ସ୍ୱଚ୍ଛ ପାଣି, ଭଲ ରାସ୍ତା ଅପେକ୍ଷାରେ ୯୦ ପରିବାର

ଖମାର, ୧୪।୧୨

ସର୍ବନିମ୍ନ ସୁବିଧାରୁ ଆଜି ପର୍ଯ୍ୟନ୍ତ ବଞ୍ଚିତ ହୋଇ ରହିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଶଙ୍ଖପୁର ପଞ୍ଚାୟତ ଅଧୀନ ପାଟବେଡ଼ା ଗ୍ରାମବାସୀ। ସ୍ୱଚ୍ଛ ପାଣି, ରାସ୍ତା ଭଳି ମୌଳିକ ଆବଶ୍ୟକତା ପୂରଣ ହେବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି। ଫଳରେ ସମସ୍ୟା ଘେରରେ ଗ୍ରାମବାସୀ ଦିନ କାଟୁଥିଲେ ମଧ୍ୟ ସେମାନଙ୍କ ସୁବିଧା ପାଇଁ ପ୍ରଶାସନ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ କହିବା ମୁତାବକ, ଗମନାଗମନ ପାଇଁ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଫଳରେ ଗ୍ରାମର ୯୦ ପରିବାର ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଷା ହେଲେ ମାଟି ରାସ୍ତାଟି ଅତି କଦର୍ଯ୍ୟ ହୋଇପଡେ। ସେହିପରି ଗ୍ରାମ ମଧ୍ୟକୁ ଆମ୍ବୁଲାନ୍ସ ଆଦି ପଶିପାରୁ ନ ଥିବାରୁ ଗୁରୁତର ରୋଗୀଙ୍କୁ ଡାକ୍ତରଖାନାକୁ ନେବାରେ ବହୁ ଅସୁବିଧା ହେଉଛି। ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ହୋଇଯାଇଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଶଙ୍ଖପୁର ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ହେବାର ପ୍ରାୟ ବର୍ଷେପର୍ଯ୍ୟନ୍ତ ପାଟବେଡ଼ାକୁ ଜଳ ଯୋଗାଇ ଦିଆଯାଉଥିଲା। ହେଲେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ୩ ବର୍ଷ ହେବ ଜଳ ଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅବଗତ କରାଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଓ ପିଇବା ପାଣି ଯୋଗାଣ ବ୍ୟବସ୍ଥା କରାଇବାକୁ ଦାବି ହୋଇଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପାଟବେଡାବାସୀ ଚେତାବନୀ ଦେଇଛନ୍ତି।




ଅଚଳ ହୋଇପଡ଼ିଥିବା ଜଳ ପ୍ରକଳ୍ପ, ଗାଁର ମାଟି ରାସ୍ତା।

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଉଦ୍ଧାର

ତାଳଚେର,୧୪।୧୨(ନି.ପ୍ର.)- ତାଳଚେର ବ୍ଲକ ଗୁରୁଜାଙ୍ଗ ନିକଟସ୍ଥ ଏନ୍‌ଟିପିସି ରେଳ ଲାଇନରୁ ତାଳଚେର ପୋଲିସ ଜଣେ ମହିଳାଙ୍କ ମୃତଦେହ ଶନିବାର ସକାଳେ ଉଦ୍ଧାର କରିଛି। ତାଙ୍କ ନାମ ମମତା ଦେହୁରୀ (୨୭) ଓ ଘର ଗୁରୁଜାଙ୍ଗ ଗ୍ରାମରେ। ସକାଳେ ମମତାଙ୍କ ମୃତଦେହ ରେଳ ଧାରଣାରେ ପଡିଥିବା ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ସୂଚନା ଦେଇଥିବାବେଳେ କାରଣ ଜଣାପଡି ନାହିଁ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଘଟଣା ପରେ ଦୀର୍ଘ ସମୟ ଧରି ଏନ୍‌ଟିପିସିକୁ କୋଇଲା ପରିବହନ ବନ୍ଦ ରହିଥିଲା।

### ମେଡିକାଲରେ ନାହିଁ କୁକୁର କାମୁଡ଼ା ଇଞ୍ଜେକଶନ

ତାଳଚେର,୧୪।୧୨(ନି.ପ୍ର.)- ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଗତ ୨/୩ ଦିନ ହେଲା କୁକୁର କାମୁଡ଼ା ଇଞ୍ଜେକଶନର ଅଭାବ ଦେଖାଦେଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ଡାକ୍ତରଖାନାକୁ ୩୦/୪୦ରୁ ଊର୍ଦ୍ଧ୍ୱ କୁକୁର କାମୁଡ଼ା ରୋଗୀ ଆସିଥାନ୍ତି। ତେବେ ଶନିବାରଠାରୁ ଇଞ୍ଜେକଶନ ନାହିଁ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ସମସ୍ୟାର ଗମ୍ଭୀରତାକୁ ଦେଖି ତୁରନ୍ତ ଇଞ୍ଜେକଶନ ଯୋଗାଇ ଦେବାକୁ ସାମାଜିକ କର୍ମୀ ବାପି ମାହାନ୍ତି ଦାବି କରିଛନ୍ତି।

## ଅଙ୍ଗନୱାଡି, ଶିଶୁ ଗୃହ ପରିଦର୍ଶନ କଲେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ

# ପ୍ରତିଷ୍ଠା ହେବ ସ୍ୱୟଂସହାୟକ ଗୋଷ୍ଠୀ ହାଟ

- ମମତା କିସ୍ତି ସମ୍ପର୍କରେ ପଚାରି ବୁଝିଲେ
- ମାନ ଜାଣିବା ପାଇଁ ଛତୁଆ ଖାଇଲେ
- ଅଙ୍ଗନୱାଡି ଗୃହ ନିର୍ମାଣ ତୁରନ୍ତ ଶେଷ ପାଇଁ ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୧୪।୧୨

ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଶନିବାର ଅନୁଗୋଳ ଜିଲା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମ ବୁଲି ଦେଖିବା ସହ ଏହାର ସମୀକ୍ଷା କରିଥିଲେ। ପୂର୍ବାହ୍ନରେ ମନ୍ତ୍ରୀ ମହୀଧରପୁରର ୨ଟି ଓ ଖଲାରୀର ୩ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଅପପୁଷ୍ଟି କମାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ। ମମତା ଯୋଜନାର ଅର୍ଥରାଶି ମିଳୁଛି କି ନାହିଁ ତାହା ହିତାଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଯୋଗାଣ ହେଉଥିବା ଛତୁଆର ମାନ ଜାଣିବା ପାଇଁ ମନ୍ତ୍ରୀ ତାହା ଖାଇଥିଲେ। ଆଦୃତା ଶିଶୁ ଗୃହ ପରିଦର୍ଶନ କରି ସୁବିଧା ଅସୁବିଧା ସମ୍ପର୍କରେ ମନ୍ତ୍ରୀ ବୁଝିବା ପରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା ପାଇଁ ପ୍ରତି ଜିଲାରେ ସ୍ୱୟଂସହାୟକ ଗୋଷ୍ଠୀ ହାଟ ଖୋଲାଯିବ ବୋଲି ସୂଚନା ଦେଇଥିଲେ।

ଏହି ଅବସରରେ ମନ୍ତ୍ରୀ ଛୋଟ ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମ୍ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁଠି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ସେଠାରେ ନିକଟସ୍ଥ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଇବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ଅସମ୍ପୂର୍ଣ୍ଣ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ପ୍ରଦାନ କରିବାକୁ ମନ୍ତ୍ରୀ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଅସମ୍ପୂର୍ଣ୍ଣ ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ ଶେଷ କରାଯିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ଯୋଜନାଗୁଡ଼ିକର ସୁଫଳ ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ନିକଟରେ କିପରି ପହଞ୍ଚିବ ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ ଓ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଦିନେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଝିଲି ଖଟୁଆ ଅଙ୍ଗନୱାଡି କେନ୍ଦ୍ର, ଅପପୁଷ୍ଟି ରୋକିବା ସମ୍ପର୍କିତ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ତଥ୍ୟ ରଖିଥିଲେ। ଏଲ୍‌ପିଓ ପ୍ରଦୀପ ନାୟକ ବିଭାଗୀୟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅଲମା ବରୁଆ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଶିଶୁ ଯତ୍ନ ସୁରକ୍ଷା ଅଧିକାରୀ ଝରଣା ନାୟକ ଓ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରମୋଦ ମିଶ୍ରଙ୍କ ସମେତ ସମସ୍ତ ସିଡିପିଓ ସୁପରଭାଇଜର ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।


ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସମେତ ବିଧାୟକ, ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

### ଖବରଦାତାଙ୍କୁ ବିଦା କରିଦେଲେ ଜିଲାପାଳ

**ଅନୁଗୋଳ ଅଫିସ, ୧୪।୧୨:** ଅନୁଗୋଳ ଜିଲା ଗସ୍ତରେ ଆସିଥିବା ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସ୍ଥାନୀୟ ସର୍କିଟ ହାଉସରେ ସମୀକ୍ଷା ବୈଠକ କରୁଥିବା ବେଳେ ସେଠାରେ ଥିବା ଖବରଦାତାମାନଙ୍କୁ ଜିଲାପାଳ ମନୋଜ କୁମାର ମହାନ୍ତି ବାହାରକୁ ବିଦା କରିଦେଇଥିଲେ। ଏହାକୁ ନେଇ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଦୁଇ ଦିନ ପୂର୍ବରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଖବରଦାତାମାନଙ୍କୁ ଉକ୍ତ ବୈଠକକୁ ନିମନ୍ତ୍ରଣ କରିଥିବା ବେଳେ ଜିଲାପାଳ କାହିଁକି ହଠାତ୍ ଖବରଦାତାମାନଙ୍କୁ ବିଦା କରିଦେଇଥିଲେ ତାହା ଆଲୋଚନାର ବିଷୟ ହୋଇଛି। ତେବେ ଏ ନେଇ ଜିଲାପାଳଙ୍କ ମତାମତ ମିଳିପାରି ନାହିଁ।

## ଭାରି ଜଳ କାରଖାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ତାଳଚେର,୧୪।୧୨(ନି.ପ୍ର.)

ତାଳଚେର ଏଫ୍‌ସିଆଇସ୍ଥିତ ଭାରି ଜଳ କାରଖାନା ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତେଣ୍ଟୁଲେଇ ଗ୍ରାମସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାରଖାନାର ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର କୁମାର ଯୋଗଦେଇ କାରଖାନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ରାସାୟନିକ ଗ୍ୟାସ ଲିକ୍ ତଥା ଅନ୍ୟାନ୍ୟ ବିପଜ୍ଜନକ ଦୁର୍ଘଟଣା ସମୟରେ ସାବଧାନ ରହି ନିଜ ଜୀବନ ବଞ୍ଚାଇବା ସହ ଅନ୍ୟମାନଙ୍କୁ କିଭଳି ଭାବରେ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୯୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଭାରୀଜଳ କାରଖାନା ପକ୍ଷରୁ ଗୋବର୍ଦ୍ଧନ ନାୟକ, ଆଶିଷ ଯାଦବଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୮ତମ ସିନିୟର ଥ୍ରୋ-ବଲ ପ୍ରତିଯୋଗିତା

# ପୁରୀ, ରାଉରକେଲା ବିଜୟୀ

ଢେଙ୍କାନାଳ ଅଫିସ, ୧୪।୧୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଦାଣ୍ଡିମାଳ ହାଇସ୍କୁଲ ଖେଳପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଛି ୨୮ତମ ସିନିୟର ରାଜ୍ୟ ଥ୍ରୋ-ବଲ ପ୍ରତିଯୋଗିତା। ରାଜ୍ୟ ଥ୍ରୋ-ବଲ୍ ଆସୋସିଏଶନ ସଭାପତି ତଥା ନର୍ଲା ବିଧାୟକ ଭୂପିନ୍ଦର ସିଂ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନୀ ଦିବସରେ ମହିଳା ବିଭାଗରେ ପୁରୀ ୧୫-୦, ୧୫-୨ ପଏଣ୍ଟରେ ଜଗତସିଂହପୁରକୁ, ରାଉରକେଲା ୧୫-୦, ୧୫-୧ ପଏଣ୍ଟରେ ଅନୁଗୋଳକୁ, ଭଦ୍ରକ ୧୫୦, ୧୫-୦ ପଏଣ୍ଟରେ ନୟାଗଡକୁ, ଢେଙ୍କାନାଳ ୧୫-୦୫, ୧୫-୦୯ ପଏଣ୍ଟରେ ସୁନ୍ଦରଗଡକୁ ପରାସ୍ତ କରିଛି। ପୁରୁଷ ବିଭାଗରେ ଜଟଣୀ ୧୫-୫, ୧୫-୧୧ ପଏଣ୍ଟରେ ଭୁବନେଶ୍ୱରକୁ, ନୂଆପଡ଼ା ୧୫-୧୨, ୧୫-୧୩ ପଏଣ୍ଟରେ ରାୟଗଡ଼ାକୁ, କଟକ ୧୫-୫, ୧୫-୭ ପଏଣ୍ଟରେ ଢେଙ୍କାନାଳକୁ, ପୁରୀ ୧୫-୪, ୧୫-୩ ପଏଣ୍ଟରେ ମୟୂରଭଞ୍ଜକୁ, ପୁରୀ ୧୫-୧, ୧୫-୨ ପଏଣ୍ଟରେ ସୁନ୍ଦରଗଡକୁ, ରାଉରକେଲା ୧୫-୭, ୧୫-୯ ପଏଣ୍ଟରେ ପୁରୀ ସଦରକୁ, ବଲାଙ୍ଗୀର ୧୫-୧୨ ଓ ୧୫-୧୦ ପଏଣ୍ଟରେ ଅନୁଗୋଳକୁ ପରାସ୍ତ କରିଛି। ରାମକୃଷ୍ଣ ବେହେରା, ଶେଖ ରେହମାନ, ଯଶବନ୍ତ ପରମଗୁରୁ, ସୁନୀଲ କୁମାର ମହନ୍ତ, ସତୀକାନ୍ତ ପଟ୍ଟନାୟକ, ବିନୋଦ ବେହେରା, ଶ୍ରୀକାନ୍ତ ଦତ୍ତ, ଶେଖ ଆଜାରୁଦ୍ଦିନ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଏଥିରେ ମହିଳା ଓ ପୁରୁଷ ବରିଷ୍ଠ ବିଭାଗରେ ୨୫ ଦଳ ସମେତ ୫୫୦ ପ୍ରତିଯୋଗୀ ଭାଗ ନେଇଛନ୍ତି ।

ଜିଲା ଥ୍ରୋ-ବଲ ଆସୋସିଏଶନ ସଭାପତି ତଥା ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଉତ୍ସବରେ ଉପସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ରାଜ୍ୟ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକାରୀ ସଭାପତି ରାଜକିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଜ୍ୟ ଥ୍ରୋ-ବଲ ଆସୋସିଏଶନର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ଜିଲା ଥ୍ରୋ-ବଲ ଆସୋସିଏଶନ ପ୍ରତିଷ୍ଠାତା ଅମୀୟ କୁମାର ଚାନ୍ଦ, ଜାତୀୟସ୍ତରୀୟ କ୍ରୀଡ଼ାବିତ ସୁବ୍ରତ କୁମାର ଜେନା, ରଣଜିତ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ବନ୍ତଳା, ଫୁଲପଡ଼ା ବିଜୟୀ

ବନ୍ତଳା, ୧୪।୧୨ (ଡି.ଏନ୍.ଏ.)

ଅନୁଗୋଳ ଜିଲା ବାଲୁଅକଟା କୁମ୍ଭକର୍ଣ୍ଣ ସାହି ରାଧାକୃଷ୍ଣ ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶନିବାର ୨ଟି ମ୍ୟାଚରେ ବନ୍ତଳା ଓ ଫୁଲପଡ଼ା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୁରାବ ପ୍ରଥମେ ବ୍ୟାଟିଂ କରି ୯୮ ରନ କରିଥିଲା। ଜବାବରେ ବନ୍ତଳା ଟିମ୍ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ବିନୟ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ କୁଲାଡ଼ ୯୮ ରନ କରିଥିଲା। ଜବାବରେ ଫୁଲପଡ଼ା ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ବାପୁନ ଗଡ଼ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅନିରୁଦ୍ଧ ଦେହୁରୀ ଯୋଗଦେଇଥିଲେ। ବିଜୟ ଦେହୁରୀ, ରଞ୍ଜନ ସାହୁ, ବନମାଳୀ ସାହୁ, ଆଶୁତୋଷ ଦେହୁରୀ ଖେଳ ପରିଚାଳନା କରିଥିବାବେଳେ ପିପିନ୍ଦ୍ର ଦେହୁରୀ ଓ ବାଦଲ ଦେହୁରୀ ସ୍କୋରର ଦାୟିତ୍ୱରେ ଥିଲେ। ଲିପୁ ଦେହୁରୀ ଧାରାବିବରଣୀ ଦେଇଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବନ୍ତଳା, ୧୪।୧୨ (ଡି.ଏନ୍.ଏ.)



ଅନୁଗୋଳ ଜିଲା ଛେଳିଆପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଇଡି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁବାଳା ମହାପାତ୍ର, ରୋଟାରୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶୁଶୁଡ଼ାର ଚେୟାରମ୍ୟାନ ଅନିଲ କର, ଜିଲା ପ୍ରମୁଖ ତାପସ ଦେହୁରୀ, ଜିଲା ସହ ସଂଯୋଜକ ସୁମନ୍ତ ବିଶ୍ୱାଳ, ଜିଲା ପ୍ରଭାରୀ ଦେବେନ୍ଦ୍ର ମହାଳିକ ପ୍ରମୁଖ ଯୋଗଦେଇଥିଲେ। ଛେଳିଆପଡ଼ା ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଆୟୋଜିତ ବାର୍ଷିକ କ୍ରୀଡ଼ାରେ ୨୦ଟି ଶିଶୁ ମନ୍ଦିରର ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଶୁଶୁଡ଼ା ଶିଶୁ ବିଦ୍ୟାମନ୍ଦିରର ରତନପ୍ରଭା ଧର ଚାମ୍ପିୟନ ହୋଇଥିଲେ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

ଅମ୍ବିକା ଅଞ୍ଜଳୀ ସିଂ
ସରପଞ୍ଚ ଏଣ୍ଡର ଗ୍ରାମପଞ୍ଚାୟତ, ଡେରାବିଶ


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ସୁଦ୍ଧଦେବ ବେହେରା
ସରପଞ୍ଚ ବାରିମୂଳ ଗ୍ରାମ ପଞ୍ଚାୟତ, ଡେରାବିଶ


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପ୍ରଭାତି ରାଉତ
ସରପଞ୍ଚ ଗୋଲରାହାଟ ଗ୍ରାମପଞ୍ଚାୟତ, ଡେରାବିଶ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।

ବନମାଳୀ ଦାସ
ପ୍ରଧାନ ଶିକ୍ଷକ, ମସିଗାଁ ମଙ୍ଗଳ ବିଭାଗ ବିଦ୍ୟାଳୟ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।

ବିଜୟ କୁମାର ସାହୁ
ପ୍ରଧାନୀପୁଟ ସେବାଶ୍ରମ

With Best Compliments....
ASWINI SAHOO
PROP : ANANYA
Uniforms & Bags
Barabhuja Market G-44
Khandagiri, Bhubaneswar

୪୬ବର୍ଷ ପୂର୍ବେ ଜନ୍ମ ହୋଇ ନିର୍ଭୀକ, ନିରପେକ୍ଷ ସତ୍ୟ ଖବର ପରିବେଷଣ କରୁଥିବାରୁ ଧରିତ୍ରୀ ପରିବାର ଓ ଅଗଣିତ ପାଠିକା/ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ସବୁବେଳେ ଏହିଭଳି ଖବର ପରିବେଷଣ ଜାରି ରଖିବା ନିମନ୍ତେ ଧରିତ୍ରୀ ପରିବାରକୁ ସାହାସ ପ୍ରଦାନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ପ୍ରବାସିନୀ ଦେଇ
ଅବସରପ୍ରାପ୍ତ, ପ୍ରଧାନ ଶିକ୍ଷୟିତ୍ରୀ, ସାମାଜିକ କର୍ମୀ
କୁହା, ଜଟଣୀ, ଖୋର୍ଦ୍ଧା

ସାରଙ୍ଗଧର ସେନାପତି
ଅଧ୍ୟକ୍ଷ, ଧରଣୀଧର ଚାରିଟେବଲ୍ ଟ୍ରଷ୍ଟ, ସଭାପତି, ମୋ ସ୍କୁଲ ଅଭିଯାନ କ୍ଷେତ୍ରପାଳି ସରକାରୀ ଉଚ୍ଚ ବିଦ୍ୟାଳୟ, କୁହା, ଜଟଣୀ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।

ସନ୍ତୋଷ କୁମାର ସାହୁ
ପରିଚାଳନା ନିର୍ଦ୍ଦେଶକ
କୁନ୍ଦୁରା ଲ୍ୟାମ୍ପ୍ସ
ମହେଶ୍ୱର ପେଣ୍ଡିଆ
ସଭାପତି
କୁନ୍ଦୁରା ଲ୍ୟାମ୍ପ୍ସ

With Best Compliments....

ASHIS KU. RATHA
M.D. A.K. TRADERS
Gudiapokhari, Pipili, Puri

